# ଡ୍ରାଗନ ଫଳ ଚାଷ

ଡ୍ରାଗନ ଫଳ ଉଷ୍ମ ଜଳବାୟୁ ଅଞ୍ଚଳରେ ବଢୁଥିବା ଏକ ଆଳଙ୍କାରିକ ତଥା ଫଳ ଧରୁଥିବା ବୃକ୍ଷ। ଏହି ଫଳ କମ୍ ବୃଷ୍ଟିପାତ ହେଉଥିବା ସ୍ଥାନମାନଙ୍କରେ ମୁଖ୍ୟତଃ ମରୁଭୂମି ପରି ଜଳବାୟୁ ଥିବା ଅଞ୍ଚଳରେ ଭଲଭାବେ ବଢ଼ିଥାଏ। ଏହାକୁ ଜାମ୍, ଆଇସ୍କ୍ରିମ୍, ଜେଲି, ଜୁସ୍ ହିସାବରେ ବ୍ୟବହାର କରାଯାଏ। ଏହା ଭାରତରେ ଏକ ନୂତନ ଫଳ ହୋଇଥିବାରୁ ଏହାର ଚାହିଦା ଯଥେଷ୍ଟ ପରିମାଣରେ ରହିଛି।

## ଉପଯୋଗିତା:

୧. ଏହି ଫଳ ଭିଟାମିନ୍, ମିନେରାଲ୍ ଓ ପ୍ରୋଟିନ୍ ଆଦିର ଗନ୍ତାଘର।
୨. ଏହି ଫଳରେ ପ୍ରଚୁର ପରିମାଣରେ ଆଣ୍ଟିଅକ୍ସିଡେଣ୍ଟ ଅଛି।
୩. ଏହାକୁ ନିୟମିତ ଖାଇବାଦ୍ୱାରା ମନୁଷ୍ୟର ବୟସ ବୃଦ୍ଧି ପ୍ରକ୍ରିୟାକୁ ବିଳମ୍ବିତ କରାଯାଇ ପାରିବ।
୪. ଏହି ଫଳ ମଧୁମେହ ରୋଗର ନିୟନ୍ତ୍ରଣ କରିବା ନିମନ୍ତେ ବ୍ୟବହାର କରାଯାଏ।
୫. ଏହା ଶୀରରର ଅଦରକାରୀ କୋଲେଷ୍ଟେରୋଲ୍‌କୁ କମ୍ କରିବାରେ ସାହାଯ୍ୟ କରେ।
୬. ଏହା ଶରୀରର ଓଜନ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ।

## ଡ୍ରାଗନ୍ ଫଳର ପ୍ରକାର:

ଡ୍ରାଗନ୍ ଫଳ ମୁଖ୍ୟତଃ ତିନିଭାଗରେ ବିଭକ୍ତ କରାଯାଇଛି।

କ) ଧଳା ମାଂସଯୁକ୍ତ (ଲାଲ୍ ରଙ୍ଗର ଡ୍ରାଗନ୍ ଫଳ)
ଖ) ଲାଲ୍ ମାଂସଯୁକ୍ତ (ଲାଲ୍ ରଙ୍ଗର ଡ୍ରାଗନ୍ ଫଳ)
ଗ) ଧଳା ମାଂସଯୁକ୍ତ (ହଳଦିଆ ରଙ୍ଗର ଡ୍ରାଗନ୍ ଫଳ)





## ଜଳବାୟୁ:

ଏହି ଫଳ କମ୍ ଉପଯୋଗୀ ମାଟି ଓ ଅଧିକ ତାପମାତ୍ରା ଥିବା ଅଞ୍ଚଳରେ ମଧ ଚାଷ କରାଯାଇ ପାରିବ। ଏହି ଫଳ ଚାଷ ନିମନ୍ତେ ୫୦ ସେମି ବୃଷ୍ଟିପାତ ଓ ୨୦-୩୦° ସେଲ୍‌ସିୟସ୍ ତାପମାତ୍ରା ଆବଶ୍ୟକ କରିଥାଏ।

## ମୃତ୍ତିକା:

ଡ୍ରାଗନ୍ ଫଳ ପାଖାପାଖି ସବୁ ପ୍ରକାରର ମୃତ୍ତିକାରେ ଚାଷ ହୋଇ ପାରିବ। କିନ୍ତୁ ଅଧିକ ଜୈବ ଅଂଶଯୁକ୍ତ ବାଲିଆ ମାଟି ଏହି ଚାଷ ନିମନ୍ତେ ସର୍ବୋତ୍ତମ।

## ଜମି ପ୍ରସ୍ତୁତି ଓ ଖାଦ୍ୟସାର ପ୍ରୟୋଗ:

ଡ୍ରାଗନ୍ ଫଳ ଚାଷ କରିବା ପୂର୍ବରୁ ଜମିକୁ ଲଙ୍ଗଳରେ ଭଲଭାବେ ଚାଷକରି ମାଟିକୁ ଗୁଣ୍ଡ କରିବା ଦରକାର। ଏହାପରେ ଏଥିରେ ପ୍ରତି ଗଛ ପାଇଁ ପ୍ରଥମ ବର୍ଷ ୧୦-୧୫ କିଗ୍ରା ଜୈବ ଖତ କିମ୍ବା କମ୍ପୋଷ୍ଟକୁ ମାଟିରେ ଭଲଭାବେ ମିଶାଇ ଦିଆଯାଏ। ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରତିବର୍ଷ ୨ କିଗ୍ରା ହିସାବରେ ଜୈବିକ ସାର ବା ଗୋବର ଖତର ପରିମାଣ ବଢ଼ାଇ ଦିଆଯାଏ। ଡ୍ରାଗନ୍ ଫଳର ବୃଦ୍ଧି ନିମନ୍ତେ ଗୋବର ଖତ, କମ୍ପୋଷ୍ଟ ସାର କିମ୍ବା ଅନ୍ୟ କୌଣସି ଜୈବିକ ଖତର ଆବଶ୍ୟକତା ରହିଛି। ଜୈବିକ ଖତ ସହିତ ରାସାୟନିକ ସାର (ପଟାସ୍:ସୁପର ଫସ୍‌ଫେଟ୍:ୟୁରିଆ) ୪୦:୩୦:୩୦ ଗ୍ରାମ୍/ଗଛପ୍ରତି ବ୍ୟବହାରଦ୍ୱାରା ଏହାର ଅମଳ ବିଶେଷଭାବେ ବୃଦ୍ଧି ପାଇଥାଏ।

## ସାର ପ୍ରୟୋଗ:

ନିମ୍ନଲିଖିତ ରାସାୟନିକ ସାର ଫୁଲ ଧରିବା ଠାରୁ ଆରମ୍ଭ କରି ଅମଳ ହେବା ଯାଏଁ ବିଭିନ୍ନ ସମୟରେ ଦେବାକୁ ପଡ଼ିଥାଏ।

ୟୁରିଆ - ୫୦ ଗ୍ରାମ୍, ସୁପର ଫସ୍‌ଫେଟ୍ - ୫୦ ଗ୍ରାମ୍, ମ୍ୟୁରେଟ୍ ଅଫ୍ ପଟାସ୍ : ୧୦୦ ଗ୍ରାମ୍ / ଗଛପ୍ରତି। ଉପରୋକ୍ତ ସାର ମିଶ୍ରଣକୁ ନିମ୍ନଲିଖିତ ସମୟରେ ସମାନ ଭାବେ ୩ ଭାଗ କରି ପ୍ରୟୋଗ କରାଯାଏ।

## ସାରଦେବା ସମୟ

ଫୁଲ ଧରିବା ପୂର୍ବରୁ -
ଏପ୍ରିଲ ମାସରେ ୧ଭାଗ / ଏକ ତୃତୀୟାଂଶ
ଫଳ ବଢ଼ିବା ସମୟ -
ଜୁଲାଇରୁ ଅଗଷ୍ଟ ମାସ ମଧ୍ୟରେ ୧ଭାଗ / ଏକ ତୃତୀୟାଂଶ
ଫଳ ଅମଳ ପରେ - ଡିସେମ୍ବର ମାସରେ ୧ଭାଗ / ଏକ ତୃତୀୟାଂଶ

## ଜଳସେଚନ:

ଡ୍ରାଗନ ଫଳ ଅନ୍ୟ ଫଳମାନଙ୍କ ତୁଳନାରେ କମ୍ ପାଣି ଆବଶ୍ୟକ କରିଥାଏ। କିନ୍ତୁ ଗଛ ଲଗାଇବା, ଫୁଲ ଧରିବା ଓ ଫଳ ବୃଦ୍ଧି ହେବା ସମୟରେ ଏବଂ ଗରମ ଶୁଷ୍କ ଜଳବାୟୁ ଅଞ୍ଚଳରେ ବାରମ୍ବାର ନିୟମିତ ବ୍ୟବଧାନରେ ଜଳସେଚନ କରିବାର ଆବଶ୍ୟକତା ରହିଛି।



## ଗଛ ଲଗାଇବାର ବିଧି / ପଦ୍ଧତି:

ଏହି ଗଛ ଲଗାଇବାର ସହଜ ଉପାୟ ହେଉଛି ମା'ଗଛର ଅଂଶରୁ ଉତ୍ପନ୍ନ ଚାରା ରୋପଣ। ବ୍ୟବସାୟିକ ଚାଷ ନିମନ୍ତେ ଡ୍ରାଗନ କାଣ୍ଡରୁ କଟାଯାଇଥିବା ଅଂଶକୁ ବ୍ୟବହାର କରାଯାଏ। ଚାରା କରିବା ନିମନ୍ତେ ଗୁଣାତ୍ମକମାନ ଥିବା ମା'ଗଛର କାଣ୍ଡରୁ ୨୦ ସେ.ମି. ଲମ୍ବର ଅଂଶକୁ କଟାଯାଇ ଚାରା ଗୃହର କୁଣ୍ଡରେ ରୋପଣ କରାଯାଏ। ସେହି ଅଂଶରୁ ଚେର ବୃଦ୍ଧି ହେଲେ ମୁଖ୍ୟ କ୍ଷେତରେ ରୋପଣ କରାଯାଏ। କାଣ୍ଡରୁ କଟାଯାଇଥିବା ଖଣ୍ଡଗୁଡ଼ିକୁ ଚାରା କରିବା ନିମନ୍ତେ ଶୁଷ୍କ ଗୋବର ଖତ, ଉର୍ବର ମାଟି ଏବଂ ବାଲିକୁ ଯଥାକ୍ରମେ ୧ ଭାଗ, ୧ ଭାଗ ଓ ୨ ଭାଗ ହିସାବରେ ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରି ସେଥିରେ ପୋତି ଦିଆଯାଏ।



ମୁଖ୍ୟ କ୍ଷେତରେ ଲଗାଇବା ସମୟରେ ଗଛରୁ ଗଛକୁ ୨ ମି. x ୨ ମି. ବ୍ୟବଧାନରେ ଲଗାଇ ଦିଆଯାଏ। ଗଛ ଲଗାଇବା ନିମନ୍ତେ ୬୦ ସେମି x ୬୦ ସେମି x ୬୦ ସେମି ଦୈର୍ଘ୍ୟ, ପ୍ରସ୍ଥ ଓ ଉଚ୍ଚତା ବିଶିଷ୍ଟ ଗାତ ଖୋଳାଯାଇ ତା'ଉପରେ ମାଟି ଏବଂ କମ୍ପୋଷ୍ଟ ସହିତ ୧୦୦ ଗ୍ରାମ୍ ସୁପର ଫସ୍‌ଫେଟ୍ ମିଶାଇ ଗାତ ଭର୍ତ୍ତିକରି ଡ୍ରାଗନ୍ ଫଳର ନୂଆ ଗଛକୁ ଲଗାଇ ଦିଆଯାଏ। ଏକ ଏକର ଜମିରେ ପାଖାପାଖି ୧୭୦୦ଟି ଡ୍ରାଗନ୍ ଫଳ ଗଛ ଲଗାଯାଇ ପାରିବ।



## ଡ୍ରାଗନ୍ ଫଳର ସମୟାନୁକ୍ରମିକ ତାଲିମ୍:

ଡ୍ରାଗନ୍ ଫ୍ରୁଟ୍‌ର ଉପର ମୁହାଁ ବୃଦ୍ଧିକୁ ଉତ୍ସାହିତ କରିବା ନିମନ୍ତେ କଂକ୍ରିଟ୍ ବା କାଠ ଖମ୍ବ ସହିତ ଗଛର କାଣ୍ଡକୁ ବାନ୍ଧି ଦିଆଯାଏ। ଏହି ଗଛର ସୁସ୍ଥ ବୃଦ୍ଧି ନିମନ୍ତେ ୨-୩ ଟି ମୁଖ୍ୟ କାଣ୍ଡକୁ ବଢ଼ିବାକୁ ଦିଆଯାଏ। ଗଛ ୭-୮ ମାସର ହେବା ବେଳକୁ କଂକ୍ରିଟ୍ ବା କାଠ ଖମ୍ବ ଉପରେ ଏକ ବୃତ୍ତାକାର ଧାତବ ରିଙ୍ଗ୍ (୧ ମି. ପରିଧି ବିଶିଷ୍ଟ) ତିଆରିକରି ଲଗାଇ ଦିଆଯାଏ ଓ ଡ୍ରାଗନ୍ ଫ୍ରୁଟ୍‌କୁ ସେହି ଫ୍ରେମ୍‌ରେ ଲଟାଇ ଦିଆଯାଏ।

## ରୋଗ ପୋକ ନିୟନ୍ତ୍ରଣ:

ଏହା ଏକ କଣ୍ଟା ଜାତୀୟ ଫଳ ହୋଇଥିବାରୁ ଏଯାବତ୍ କୌଣସି ରୋଗ ପୋକର ପ୍ରାଦୁର୍ଭାବ ପରିଲକ୍ଷିତ ହୋଇନାହିଁ।





## ଡ୍ରାଗନ୍ ଫଳର ଅମଳ:

ଗଛ ଲଗାଇବାର ୧୨-୧୪ ମାସ ମଧ୍ୟରେ ଏହି ଗଛରେ ଫଳ ଧରିଥାଏ। ଡିସେମ୍ବର ମାସ ପର୍ଯ୍ୟନ୍ତ ଏହାର ଫଳ ଧରିଥାଏ। ଅମଳ ଉପଯୋଗୀ ଫଳକୁ ଚିହ୍ନିବା ଖୁବ୍ ସହଜ, କାରଣ ଏହା ପାଚିବା ମାତ୍ରେ ଉଜ୍ଜଳ ସବୁଜ ରଙ୍ଗର ଫଳସବୁ ଲାଲ୍ ରଙ୍ଗରେ ପରିଣତ ହୁଏ। ରଙ୍ଗ ପରିବର୍ତ୍ତନର ତିନିରୁ ଚାରି ଦିନ ପରେ ଅମଳ କରିବାର ସଠିକ୍ ସମୟ। କିନ୍ତୁ ବାହାରକୁ ରପ୍ତାନି କରାଯିବାର ଥିଲେ ଫଳର ରଙ୍ଗ ପରିବର୍ତ୍ତନର ଗୋଟିଏ ଦିନ ପରେ ଏହାର ଫଳ ଅମଳ କରାଯାଏ। ଦାଆ କିମ୍ବା ହାତରେ ଛିଣ୍ଡାଇ ଏହି ଫଳକୁ ଅମଳ କରାଯାଇ ପାରେ। ଏକ ଏକର ଜମିରୁ ହାରାହାରି ୫-୬ ଟନ୍ ଡ୍ରାଗନ୍ ଫ୍ରୁଟ୍ ଅମଳ କରାଯାଇ ପାରିବ।



2023120096

OUAT Publication:
No. 2023120096

Published by: Senior Scientist and Head, Krishi Vigyan Kendra,
Ganjam-II, Berhampur (Golanthara)

Print & Design : Ankita Graphics, Bhubaneswar, 9437077337, saroj77337@gmail.com



# ବିଦେଶୀ ଫଳ
# ଡ୍ରାଗନ (କମଳମ୍)



ବିଷୟବସ୍ତୁ:
ରବିନାରାୟଣ ମିଶ୍ର
କ୍ଷେତ୍ର ପରିଚାଳକ

ସଂପାଦନା:
ଡଃ. ସୁଜିତ୍ କୁମାର ନାଥ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

କୃଷିବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୨, ବ୍ରହ୍ମପୁର
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ